# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 4 April - 2026

***********************************

## ମୁଖ୍ୟ ସମ୍ବାଦ

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଉ ଅଳ୍ପ ସମୟ ପରେ ଆରମ୍ଭ ହେବ ରାଜ୍ୟ କ୍ୟାବିନେଟ୍ ବୈଠକ
- ଜାତୀୟ ଶିକ୍ଷାନୀତି ଅଧୀନରେ ରାଜ୍ୟର ଶିଶୁବାଟିକାରେ ପର୍ଯ୍ୟାୟକ୍ରମେ ଅଙ୍ଗନବାଡ଼ି କେନ୍ଦ୍ର ମିଶିବା ନେଇ ସରକାରଙ୍କ ନିଷ୍ପତ୍ତି
- ଦେଶ ନିର୍ମାଣରେ ଅଂଶୀଦାର ହେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଲେ ରାଜ୍ୟପାଳ

ଏବଂ

- କାଳବୈଶାଖୀ ପ୍ରଭାବରେ ବଜ୍ରପାତ ସହିତ ବର୍ଷା ହେବା ନେଇ ୨୧ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

BBSR/R

## କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଉ କିଛି ସମୟପରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ । ଭୁବନେଶ୍ୱର ଲୋକସେବା ଭବନରେ ହେବାକୁ ଥିବା ଏହି ବୈଠକରେ ୭ଟିରୁ ଊର୍ଦ୍ଧ୍ୱ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ସେଥିମଧ୍ୟରୁ ନିର୍ମାଣ ବିଭାଗର ୨ଟି, ସ୍ୱାସ୍ଥ୍ୟ, ଜଳସମ୍ପଦ, ରାଜସ୍ୱ ଆଦି ବିଭିନ୍ନ ବିଭାଗର ପ୍ରସ୍ତାବ ଉପରେ ଆଲୋଚନା ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

Desk

## ଜାତୀୟ ଶିକ୍ଷାନୀତି

ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଅଙ୍ଗନବାଡ଼ିଗୁଡ଼ିକୁ ପର୍ଯ୍ୟାୟକ୍ରମେ ଶିଶୁବାଟିକାରେ ମିଶ୍ରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶିଶୁମାନଙ୍କ ମଧ୍ୟରେ ଶିକ୍ଷାବୃତ୍ତି ଆଗ୍ରହ ସୃଷ୍ଟି କରିବା ଏବଂ ଏକ ସମୃଦ୍ଧ ଶୈକ୍ଷିକ ଭିତ୍ତିଭୂମି ସ୍ଥାପନ କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ । ଆଗାମୀ ପିଢ଼ିକୁ ଏହି ଅଭିନବ ପ୍ରୟାସ ଜ୍ଞାନ ଭିତ୍ତିକ ସମାଜରେ ସଶକ୍ତ କରିବା ସହିତ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଏକ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିବ । ଶତପ୍ରତିଶତ ନାମଲେଖା, ଶିଶୁଙ୍କ ମନରେ ଶିକ୍ଷା ପ୍ରତି ଆଗ୍ରହ ଓ ଶ୍ରଦ୍ଧା

ସୃଷ୍ଟି ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆୟୋଜିତ ନିପୁଣ ଓଡ଼ିଶା ଓ ପଢ଼ିବା, ଗଢ଼ିବା ଓଡ଼ିଶା ଅଭିଯାନରେ ବିଭିନ୍ନ ବିଦ୍ୟାଳୟମାନଙ୍କରେ ପିଲାଙ୍କ ପାଇଁ ବିକଶିତ କରାଯାଇଥିବା ବିଷୟବସ୍ତୁ ଆଧାରିତ ଶିକ୍ଷଣୀୟ ସାମଗ୍ରୀ ପ୍ରଦର୍ଶନୀ ପରିଦର୍ଶନ କରିବା ସହିତ ପିଲାମାନଙ୍କୁ ଶିକ୍ଷା ସହାୟତା ସାମଗ୍ରୀ କିଟ୍ ପ୍ରଦାନ କରିଛନ୍ତି। ଏହି ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ କୋମଳମତି ଶିଶୁମାନଙ୍କୁ ଖଡ଼ି ଛୁଆଇଁ ସେମାନଙ୍କର ବିଦ୍ୟା ଆରମ୍ଭ କରିଛନ୍ତି।

Jajpur/Malkangiri/DHNKL

## ଜିଲ୍ଲା-ଓଡ଼ିଆ ପକ୍ଷ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଓଡ଼ିଆ ପକ୍ଷର ଚତୁର୍ଥ ଦିନରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ଢେଙ୍କାନାଳ ଜିଲ୍ଲାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ଜିଲ୍ଲାର ଶିଶୁ ବାଟିକାରେ ଓ ପ୍ରଥମ ଶ୍ରେଣୀରେ ୧୦ ହଜାର ୧୩୪ ଶିଶୁ ନାମ ଲେଖାଇବେ ବୋଲି ଜଣାପଡ଼ିଛି।

ମାଲକାନଗିରି ଜିଲ୍ଲା ଏମ୍.ଭି-୭ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ନରସିଂହ ମାଡ଼କାମୀ ଯୋଗ ଦେଇଥିଲେ।

ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକସ୍ଥିତ ପିଏମ୍‌ଶ୍ରୀ ରାମଲକ୍ଷ୍ମଣ ସରକାରୀ ହାଇସ୍କୁଲ ଖଣ୍ଡାରାଠାରେ ଆୟୋଜିତ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ଯୋଗ ଦେଇଥିଲେ ।

Desk

## ଗଣଶିକ୍ଷା ମନ୍ତ୍ରୀ– ସ୍କୁଲ ନିୟମ

ରାଜ୍ୟର ସମସ୍ତ ଘରୋଇ ସ୍କୁଲ ସରକାରୀ ନିୟମ ମାନିବା ଜରୁରୀ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ଘରୋଇ ସ୍କୁଲଗୁଡ଼ିକ ଭିନ୍ନ ଭିନ୍ନ ପବ୍ଲିକେଶନର ପୁସ୍ତକ ପଢ଼ାଯାଉଥିବା ନଜିର ରହିଛି । ଆଗାମୀ ଦିନରେ ଘରୋଇ ସ୍କୁଲ ପକ୍ଷରୁ ଏଭଳି କରୁଥିବା ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏ ନେଇ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା ହେବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ।

**- V/O –**

HS

## ଶିକ୍ଷକ ନିଯୁକ୍ତି

ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ଅତିଥି ଶିକ୍ଷକ ନିଯୁକ୍ତି ପାଇଁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପ୍ରକ୍ରିୟା ଆରମ୍ଭ ହୋଇଛି । ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଆସନ୍ତା ଶିକ୍ଷା ବର୍ଷରେ ଅତିଥି ଶିକ୍ଷକ ନିଯୁକ୍ତି ନେଇ ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ଲେଖାଯାଇଛି । ଅତିଥି ଶିକ୍ଷକଙ୍କ ଆବଶ୍ୟକତା ମୂଲ୍ୟାୟନ ପ୍ରକ୍ରିୟା ଇତିମଧ୍ୟରେ ନିର୍ଦ୍ଦେଶାଳୟ ପକ୍ଷରୁ ଆରମ୍ଭ ହୋଇଛି । ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଅଭାବକୁ ପୂରଣ କରିବା ପାଇଁ ଅବସରପ୍ରାପ୍ତ

ଶିକ୍ଷକଙ୍କୁ ପୁଣିଥରେ ନିୟୋଜିତ କରାଯାଇଛି। ସମସ୍ତ ତଥ୍ୟ ଆସନ୍ତା ୯ ତାରିଖ ସୁଦ୍ଧା ଦାଖଲ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶାଳୟ କହିଛି। ଗତ ଶିକ୍ଷାବର୍ଷରେ ୬ ହଜାର ୩୮୭ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକଭାବେ ନିଯୁକ୍ତ କରାଯାଇଥିଲା। ସେମାନଙ୍କର କାର୍ଯ୍ୟକାଳ ମାର୍ଚ୍ଚ ମାସରେ ଶେଷ ହୋଇଛି।

Desk

## ଏଲ୍‌ପିଜି

ଦେଶବ୍ୟାପୀ ପେଟ୍ରୋଲ, ଡିଜେଲ ଏବଂ ଏଲ୍.ପି.ଜି.ର ଉପଲବ୍ଧତାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ସରକାର ସମସ୍ତ ପ୍ରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ କହିଛି। ଏଥିପାଇଁ ଆଶଙ୍କା କିମ୍ବା ଆବଶ୍ୟକ ନ ଥିଲେ ଏଲ୍.ପି.ଜି. ବୁକିଂ ନ କରିବାକୁ ମନ୍ତ୍ରଣାଳୟ ପରାମର୍ଶ ଦେଇଛି। ଏଲ୍‌ପିଜି ବିତରକଙ୍କ ପାଖରେ ୫ କିଲୋ ବିଶିଷ୍ଟ ସିଲିଣ୍ଡର ଉପଲବ୍ଧ ରହିଛି ଏବଂ ବୈଧ ପରିଚୟପତ୍ର ମାଧ୍ୟମରେ ଏହାକୁ କ୍ରୟ କରାଯାଇପାରିବ। ଗତ ମାସ ୨୩ ତାରିଖରୁ ୫ କିଲୋଗ୍ରାମ ଓଜନ ବିଶିଷ୍ଟ ସିଲିଣ୍ଡର ୫ ଲକ୍ଷ ୭୦ ହଜାର ବିକ୍ରି ହୋଇସାରିଥିବା ମନ୍ତ୍ରଣାଳୟ କହିଛି। ଅନଲାଇନ୍ ଏଲ୍‌ପିଜି ସିଲିଣ୍ଡର ବୁକିଂ ୯୫ ପ୍ରତିଶତକୁ ବୃଦ୍ଧି ପାଇଛି। ପ୍ରାୟ ୫୧ ଲକ୍ଷ ଘରୋଇ ଏଲ୍‌ପିଜି ସିଲିଣ୍ଡର ଗତକାଲି ବିତରଣ ହୋଇସାରିଛି।

ଭାରତୀୟ ପତାକା ଯୁକ୍ତ ଏଲ୍‌ପିଜିବାହୀ ଜାହାଜ ଗ୍ରୀନ୍ ସାନ୍‌ଭି ଗତକାଲି ସୁରକ୍ଷିତ ଭାବେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିଛି ବୋଲି ବନ୍ଦର,

ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ କହିଛି । ଏଥିରେ ୪୬ ହଜାର ୬୫୦ ମେଟ୍ରିକ ଟନ୍ ଏଲ୍‌ପିଜି ଭାରତକୁ ଆସୁଛି ।

Desk

## ଆଇଆଇଏମ୍ ସମାବର୍ତ୍ତନ ଉତ୍ସବ

ଭାରତୀୟ ପ୍ରବନ୍ଧନ ସଂସ୍ଥାନରୁ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀ ଦେଶ ନିର୍ମାଣରେ ଅଂଶୀଦାର ହେବାକୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି । ଆଇ.ଆଇ.ଏମ୍. ସମ୍ବଲପୁରର ଦଶମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ଦେଶର ଶିକ୍ଷା କ୍ଷେତ୍ରରେ ଏହି ଅନୁଷ୍ଠାନର ପରିଚିତି ନେଇ ଉଚ୍ଚପ୍ରଶଂସା କରିଛନ୍ତି ।  ବିକାଶିତ ଭାରତ ଗଠନରେ ଛାତ୍ରଛାତ୍ରୀମାନେ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ରାଜ୍ୟପାଳ କହିଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ବୋର୍ଡ ଗଭର୍ଣ୍ଣର ତଥା ଭାରପ୍ରାପ୍ତ ଅଧ୍ୟକ୍ଷ ଚନ୍ଦନ ଚୌଧୁରୀ, ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ, ଆଡୋବେ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ପ୍ରତିଭା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

ସମାରୋହରେ ୪୧୬ ଜଣ ଛାତ୍ରଙ୍କ ଡିଗ୍ରୀ ପ୍ରଦାନ କରାଯିବା ସହ ପିଏଚ୍‌ଡି ଏବଂ କାର୍ଯ୍ୟକାରୀ ବୃତ୍ତିଗତ ଶିକ୍ଷକଭାବେ ୫ ଜଣ ଲେଖାଏଁ କୃତି ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି ।

Desk

## ଓଡ଼ିଆ ପକ୍ଷ-ନାମଫଳକ

ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଓ ବିଭବକୁ ପ୍ରଚାର  ପ୍ରସାର କରିବା ପାଇଁ ଚଳିତ ମାସ ପହିଲାରୁ ଆରମ୍ଭ ହୋଇଥିବା 'ଓଡ଼ିଆ ପକ୍ଷ'ର ଚତୁର୍ଥ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି 'ଓଡ଼ିଆରେ ନାମଫଳକ ବ୍ୟବହାର ସମ୍ପର୍କିତ ଅଭିଯାନ' ଦିବସ ପାଳନ କରାଯାଉଛି । ଏହି ଅବସରରେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନାମଫଳକକୁ ଓଡ଼ିଆରେ ଲେଖିବା ପାଇଁ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ଏବଂ ସରକାରୀ ବେସରକାରୀ ଅନୁଷ୍ଠାନକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଅନୁରୋଧ କରିଛନ୍ତି।

**- V/O –**

Malkangiri/Gajapati/

## ଜିଲ୍ଲା-ନାମଫଳକ

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଜି ଓଡ଼ିଆରେ ନାମଫଳକ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଗଜପତି ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ଆୟୋଜିତ ସଚେତନତା ପଦଯାତ୍ରାକୁ ଜିଲ୍ଲାପାଳ ମନୀନ୍ଦ୍ର ହୋନ୍‌ନାଗା ଶୁଭାରମ୍ଭ କରିଥିଲେ। ଓଡ଼ିଆ ଭାଷାରେ ନାମଫଳକ ଲେଖି ଉପରେ ଜନସାଧାରଣଙ୍କୁ ସଚେତନ କରାଇବା ଏହି ପଦଯାତ୍ରା ମୁଖ୍ୟ ଉଦ୍ଦେଶ୍ୟ।

ମାଲକାନଗିରି ଜିଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଶୁଭାରମ୍ଭ କରି କହିଛନ୍ତି, ଓଡ଼ିଆ ଆମର ମାତୃଭାଷା । ଏହାର ସମ୍ମାନ କରିବା ସମସ୍ତଙ୍କର ଦାୟିତ୍ୱ ।

BBSR/R

## ରାଜସ୍ୱ ପାଠାଗାର

ଭୁବନେଶ୍ୱର ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନୂତନ ପାଠାଗାରକୁ ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍‌ଘାଟନ କରିଛି । ଏହି ପାଠାଗାର ବିଭାଗୀୟ ଅଧିକାରୀମାନଙ୍କ ଦକ୍ଷତା ବିକାଶ କରିବା ସହିତ ଉଭୟ ବ୍ୟକ୍ତିଗତ ଓ ପ୍ରଶାସନିକ ସ୍ତରରେ ଖୁବ୍ ଉପଯୋଗୀ ହେବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । ପାଠାଗାରରେ ବିଭାଗର ଆବଶ୍ୟକୀୟ ସୂଚନା, ପୁସ୍ତକ ତଥା ପ୍ରଶାସନିକ ବିଷୟ ସମ୍ବନ୍ଧିତ ନିୟମାବଳୀ ଉପଲବ୍ଧ ରହିଛି ।

Desk

## ବିମାନ ବନ୍ଦର

ପ୍ରସ୍ତାବିତ ପୁରୀ ଶ୍ରୀଜଗନ୍ନାଥ ଗ୍ରୀନଫିଲ୍ଡ ବିମାନ ବନ୍ଦର ନିର୍ମାଣ ନେଇ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରଥମ ପର୍ଯ୍ୟାୟ ମଞ୍ଜୁରୀ ମିଳିଛି । ଏ ସମ୍ପର୍କରେ ସୂଚନା ଦେଇ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ମଞ୍ଜୁରୀ ପ୍ରଦାନ ପରବର୍ତ୍ତୀ ଆବଶ୍ୟକୀୟ କାର୍ଯ୍ୟ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ। ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଥିବା ସେ ସୂଚନା ଦେଇଛନ୍ତି। ଅଧିଗ୍ରହଣ ସଂକ୍ରାନ୍ତ ଆପତ୍ତି

ଅଭିଯୋଗଗୁଡ଼ିକ ଗ୍ରହଣ କରାଯାଇଛି। ବୈଷୟିକ ଦଳ ଅନୁଧ୍ୟାନ ପରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ବିମାନବନ୍ଦରକୁ ସଂଯୋଗ କରୁଥିବା ସଡ଼କପଥର ଭିତ୍ତିଭୂମିର ବିକାଶ କରାଯିବ। ପୁରୀକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀରେ ଉନ୍ନୀତ କରିବା ନେଇ ସରକାରଙ୍କ ପକ୍ଷରୁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି।

**- V/O -**

ବିମାନ ବନ୍ଦର ପାଇଁ ପୁରୀ ଜଙ୍ଗଲ ବିଭାଗ ପକ୍ଷରୁ ୨୭ ଦଶମିକ ୮/୮/୭ ହେକ୍ଟର ଜମି ଯୋଗାଇ ଦିଆଯିବ। ମୋଟ ୧ ହଜାର ୬୬୪ ହେକ୍ଟର ଜମିରେ ନିର୍ମିତ ହେବାକୁ ଥିବା ଏହି ବିମାନ ବନ୍ଦରରୁ ପ୍ରଥମ ପର୍ଯ୍ୟାୟରେ ବାର୍ଷିକ ୪୬ ଲକ୍ଷ ଯାତ୍ରୀ ଯାତାୟାତ କରିବାର ସୁବିଧା ସୁଯୋଗ ରହିବ। ପୂର୍ବରୁ ପରିବେଶ ସି.ଆର୍.ଜେଡ୍ ସମ୍ବନ୍ଧୀୟ ଅନୁମୋଦନ ମିଳିସାରିଛି।

Nayagarh

# ରଘୁ-ଦିବାକର ପୁଣ୍ୟତିଥି

ନୟାଗଡ଼ ଜିଲ୍ଲାସ୍ତରୀୟ ସହିଦ ରଘୁ-ଦିବାକର ୮୬ତମ ପୁଣ୍ୟତିଥି ପାଳିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ି ଯୋଗଦେଇ ସହିଦ ରଘୁ-ଦିବାକରଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଛନ୍ତି। ଅନ୍ୟମାନଙ୍କ

ମଧ୍ୟରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ ଜିଲ୍ଲାସ୍ତରୀୟ ପଦାଧିକାରୀ ଯୋଗ ଦେଇଥିଲେ।

୧୯୩୦ ମସିହାରୁ ରଣପୁର ଗଡ଼ଜାତ ରାଜାଙ୍କ ଅତ୍ୟାଚାର ବିରୁଦ୍ଧରେ ଆରମ୍ଭ ହୋଇଥିବା ପ୍ରଜାମଣ୍ଡଳ ଆନ୍ଦୋଳନର ରଘୁ-ଦିବାକର ମୁଖ୍ୟ ପୁରୋଧା ଥିଲେ। ୧୯୩୯ ମସିହା ଜାନୁଆରୀ ୫ ତାରିଖରେ ମେଜର ବେଜେଲଗେଟ୍‌ଙ୍କ ମୃତ୍ୟୁ ପାଇଁ ରଘୁ-ଦିବାକରଙ୍କୁ ଗିରଫ କରିଥିଲେ। ୧୯୪୧ ମସିହା ଏପ୍ରିଲ ୪ ତାରିଖରେ ଭାଗଲପୁର ଜିଲ୍ଲାରେ ଉଭୟଙ୍କୁ ଫାଶୀ ଦିଆଯାଇଥିଲା।

HS

## ଶିକ୍ଷକ ନିଲମ୍ବନ

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟରେ ବିଏଲ୍‌ଓ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଜଣେ ସହକାରୀ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ଗଜପତି ଜିଲ୍ଲା ନିର୍ବାଚନ ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଜାରି ଆଦେଶ ଅନୁଯାୟୀ ପାରଳାଖେମୁଣ୍ଡି ବିଧାନସଭା ମଣ୍ଡଳୀ ୧୩୭, କାଶୀନଗର ବ୍ଲକ ପୁଲିଂ ଷ୍ଟେସନ୍ ସଂଖ୍ୟା ୧୧୦, ସିଧାମଡ଼ଙ୍ଗ ଅଧୀନ ବୁଥ୍‌ସ୍ତରୀୟ ଅଧିକାରୀ ରାମାନୁଜ ଦାସଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।

Desk

## ପାଣିପାଗ

କାଳବୈଶାଖୀ ପ୍ରଭାବରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବାତ୍ୟା ଏବଂ ବଜ୍ରପାତର ସମ୍ଭାବନା ରହିଛି। ଆସନ୍ତା ୨୪

ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ୨୧ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏହି ସମୟରେ  କେତେକ ସ୍ଥାନରେ ପବନର ବେଗ ଘଣ୍ଟା ପ୍ରତି ୫୦ କିଲୋମିଟର ପର୍ଯ୍ୟନ୍ତ ରହିପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହୋଇଯାଇଛି। ରାୟଗଡ଼ା ଜିଲ୍ଲାର **ଆର୍.ବୁଡ଼ାରେ** ସର୍ବାଧିକ ୫୭ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଗରମ ଓ ଗୁଳୁଗୁଳି ନେଇ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାକୁ ପାଣିପାଗ  କେନ୍ଦ୍ର ସତର୍କ କରାଇଛି।